# ବିଜୁ ବିରୋଧୀ ମନ୍ତବ୍ୟ: ବିଜେଡି ନେତାଙ୍କ ତୀବ୍ର ବିରୋଧ

■ ଗୌରବମୟ ଇତିହାସକୁ କଳଙ୍କିତ କରିବାକୁ ପ୍ରୟାସ: ସଂତୃପ୍ତ
■ ଓଡ଼ିଶାର ଗର୍ବକୁ ଅପମାନ ଅପଚେଷ୍ଟା ଦୁର୍ଭାଗ୍ୟଜନକ: ସଞ୍ଜୟ
■ କ୍ଷମାପ୍ରାର୍ଥନା କରନ୍ତୁ ବିଜେପି ଓ ସାଂସଦ ନିଶିକାନ୍ତ ଦୁବେ: ଅରୁଣ
■ ଇତିହାସକୁ ବିକୃତ ଲାଗି ବିଜେପି ନେତାଙ୍କ ଷଡ଼ଯନ୍ତ୍ର: ଭୃଗୁ

ଭୁବନେଶ୍ୱର,୨୯।୩(ସମିସ): ଓଡ଼ିଶା ରାଜନୀତିର ମହାନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ବିରୋଧରେ ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ ଅପମାନଜନକ ଓ ଅସତ୍ୟ ମନ୍ତବ୍ୟକୁ ତୀବ୍ର ବିରୋଧ କରିଛି ବିଜେଡି। ଦଳର ବହୁ ବରିଷ୍ଠ ନେତା ଶ୍ରୀ ଦୁବେଙ୍କୁ କଟୁ ଭର୍ତ୍ସନା କରିବା ସହ ତାଙ୍କର ମନ୍ତବ୍ୟକୁ ବିରୋଧ କରିଛନ୍ତି।

ବିଜୁ ପଟ୍ଟନାୟକଙ୍କ ପରି ଜଣେ ବୀର, ବିଶ୍ୱସ୍ତରୀୟ ବ୍ୟକ୍ତିତ୍ୱ ଏବଂ ଅଦ୍ୱିତୀୟ ଦେଶପ୍ରେମୀଙ୍କ ଗୌରବମୟ ଇତିହାସକୁ କଳଙ୍କିତ କରିବାକୁ କରାଯାଉଥିବା ପ୍ରୟାସ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ବିରୋଧୀଦଳ ନେତାଙ୍କ ରାଜନୈତିକ ସଚିବ ଡ଼. ସନ୍ତୃପ୍ତ ମିଶ୍ର। ସେ କହିଛନ୍ତି ଯେ ବର୍ତ୍ତମାନର ସରକାର ଆନ୍ତର୍ଜାତୀୟ ସମ୍ପର୍କ କ୍ଷେତ୍ରରେ ନିଜର ବିଫଳତାକୁ ଲୁଚାଇବା ପାଇଁ ଯେଉଁ ଅସାର, ବିଦ୍ୱେଷପୂର୍ଣ୍ଣ ଓ ରାଜନୈତିକ ଅଭିସନ୍ଧିମୂଳକ କୌଶଳ ପ୍ରୟୋଗ କରୁଛନ୍ତି। ଏହା କେବଳ ଅଜ୍ଞତା ନୁହେଁ, ବରଂ ଇତିହାସ ଏବଂ ଘଟଣାବଳୀକୁ ବିକୃତ କରିବା ପାଇଁ ଏକ ସୁଚିନ୍ତିତ ଷଡ଼ଯନ୍ତ୍ର। ବିଜୁ ପଟ୍ଟନାୟକ କେବଳ ଜଣେ ସାଧାରଣ ରାଜନୈତିକ କର୍ମକର୍ତ୍ତା ନଥିଲେ, ଯାହାଙ୍କୁ ଇତିହାସ ବା ଆନ୍ତର୍ଜାତୀୟ ସମ୍ପର୍କ ବିଷୟରେ ଜ୍ଞାନ ନଥିବା ସଂକୀର୍ଣ୍ଣ ମନୋଭାବର ବ୍ୟକ୍ତିମାନେ ଆକଳନ କରିପାରିବେ। ଆଜି ଏହା ଉପରେ ଯେଉଁମାନେ ଟୀକାଟିପ୍ପଣୀ ଦେଉଛନ୍ତି, ସେମାନଙ୍କର ଐତିହାସିକ ଜ୍ଞାନର ଘୋର ଅଭାବ ରହିଛି ବା ସେମାନେ ନିଜର ସ୍ୱାର୍ଥ ସାଧନ ପାଇଁ ଇତିହାସକୁ ମନଗଢ଼ା ଭାବେ ବ୍ୟାଖ୍ୟା କରି ଅସଲ ପ୍ରଶ୍ନରୁ ଦୂରେଇ ଯିବାକୁ ଚେଷ୍ଟା କରୁଛନ୍ତି। ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ଏପରି ମନ୍ତବ୍ୟ କେବଳ ଭୁଲ ନୁହେଁ, ବରଂ ଏହା ଭାରତର କୂଟନୈତିକ ଇତିହାସ ଏବଂ ପ୍ରତ୍ୟେକ ଓଡ଼ିଆଙ୍କ ଗର୍ବ ଓ ଅସ୍ମିତା ପ୍ରତି ଏକ ଅପମାନ। ତେଣୁ ନିଶିକାନ୍ତ ଦୁବେ ତୁରନ୍ତ ଏହି ଅପମାନଜନକ ମନ୍ତବ୍ୟକୁ ପ୍ରତ୍ୟାହାର କରନ୍ତୁ ଓ ଓଡ଼ିଆ ଅସ୍ମିତାକୁ ବଜାୟ ରଖିବା ପାଇଁ ଶ୍ରୀ ଦୁବେଙ୍କ ମନ୍ତବ୍ୟକୁ ଓଡ଼ିଶା ବିଜେପି ଓ ରାଜ୍ୟ ସରକାର ନିନ୍ଦା କରିବା ଆବଶ୍ୟକ ବୋଲି ଡ଼. ମିଶ୍ର କହିଛନ୍ତି।

ବିଜେଡି ଉପସଭାପତି ସଞ୍ଜୟ ଦାସବର୍ମା କହିଛନ୍ତି ଯେ ନିଶିକାନ୍ତଙ୍କ ମନ୍ତବ୍ୟ କେବଳ ଓଡ଼ିଶାବାସୀଙ୍କୁ ଆଘାତ ଦେଇନାହିଁ, ଭାରତୀୟ ରାଜନୀତିର ଇତିହାସ ଓ ଗୌରବକୁ ମଧ୍ୟ କଳଙ୍କିତ କରିଛି। ବିଜୁବାବୁଙ୍କ ବ୍ୟକ୍ତିତ୍ୱକୁ ଜାଣିଥିଲେ ହୁଏତ ନିଶିକାନ୍ତ ଏପରି ମନ୍ତବ୍ୟ ଦେଇ ନ ଥାନ୍ତେ। ତାଙ୍କର ସାହସିକ କାର୍ଯ୍ୟ ପାଇଁ ଇଣ୍ଡୋନେସିଆ 'ଭୂମିପୁତ୍ର' ସମ୍ମାନ ପ୍ରଦାନ କରିଥିଲା, ରୁଷ ସରକାର ବିଜୁ ପଟ୍ଟନାୟକଙ୍କୁ ସମ୍ମାନିତ କରିଥିଲେ। ତାଙ୍କ ମର ଶରୀରରେ ୩ ଦେଶର ଜାତୀୟ ପତାକା ପଡ଼ିଥିଲା। ଏହି ମହାନ ନେତାଙ୍କୁ 'ସିଆଇଏ ଏଜେଣ୍ଟ' ବା 'ଲିଙ୍କ୍' କହି ନିଶିକାନ୍ତ ଦୁବେ ଅପମାନିତ କରିବା କେବଳ ତାଙ୍କର ଅଜ୍ଞତା ନୁହେଁ, ନିମ୍ନରୁଚିର ରାଜନୀତିର ସର୍ବନିମ୍ନସ୍ତରୀୟ ଉଦାହରଣ। ଏହି ମନ୍ତବ୍ୟ କେବଳ ବିଜୁ ବାବୁଙ୍କ ନୁହେଁ, ସମଗ୍ର ଓଡ଼ିଆ ଜାତିର ଅପମାନ। ଏଥିପାଇଁ ଶ୍ରୀ ଦୁବେ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ବୋଲି ଶ୍ରୀ ଦାସବର୍ମା କହିଛନ୍ତି।

ନିଶିକାନ୍ତ ଦୁବେଙ୍କର ମାନସିକ ବିକୃତି ଘଟିଛି ବୋଲି ଆକ୍ଷେପ କରିଛନ୍ତି ବିଜେଡି ବିଧାୟକ ଡ. ଅରୁଣ ସାହୁ। ସେ କହିଛନ୍ତି ଯେ ବିଜୁ ବାବୁଙ୍କ ପ୍ରତି ସମଗ୍ର ଭାରତବର୍ଷର ଜନସାଧାରଣଙ୍କ ସମ୍ମାନ ରହିଛି। ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ଅତୁଳନୀୟ। ପାକିସ୍ତାନ କବଳରୁ ଶ୍ରୀନଗରକୁ ଉଦ୍ଧାର, ଭାରତ-ଚାଇନା ଯୁଦ୍ଧରେ ଅଗ୍ରଣୀ ଭୂମିକା ନେବାରେ ବିଜୁ ବାବୁ ସବୁଥିରେ ଆଗୁଆ ଥିଲେ। ବିଜୁବାବୁ ରାଜ୍ୟ ଓ ଦେଶ ପାଇଁ କ'ଣ କରିଛନ୍ତି, ସେ ସମ୍ପର୍କରେ ନିଶିକାନ୍ତ ଦୁବେଙ୍କ ପରି କୁଖ୍ୟାତ ଲୋକଙ୍କର ଧାରଣା ଆସିବ କେଉଁଠୁ ? ସେ ନିଜେ ଯେପରି, ଅନ୍ୟମାନଙ୍କୁ ସେହିପରି ଦୃଷ୍ଟିରେ ଦେଖୁଛନ୍ତି। ବିଜୁଙ୍କ ଅପମାନ ଓଡ଼ିଶାର ଅପମାନ, ଏଥିପାଇଁ ବିଜେପି ସାଂସଦ ନିଶିକାନ୍ତ ଦୁବେ ଓ ତାଙ୍କ ଦଳ ଏଥିପାଇଁ କ୍ଷମାପ୍ରାର୍ଥନା କରୁ ବୋଲି ସେ ଦାବି କରିଛନ୍ତି।

ଦଳର ଅନ୍ୟତମ ନେତା ଭୃଗୁ ବକ୍ସିପାତ୍ର ମଧ୍ୟ ନିଶିକାନ୍ତଙ୍କ ଟିପ୍ପଣୀକୁ କଠୋର ଶବ୍ଦରେ ସମାଲୋଚନା କରିଛନ୍ତି। ଇତିହାସକୁ ବିକୃତ କରିବାକୁ ନିଶିକାନ୍ତଙ୍କ ଅପଚେଷ୍ଟା କେବଳ ଓଡିଶାବାସୀଙ୍କୁ ଆଘାତ ଦେଇନାହିଁ, ପ୍ରତ୍ୟେକ ଓଡ଼ିଆଙ୍କ ଆତ୍ମାକୁ କ୍ଷତାକ୍ତ କରିଛି। ତାଙ୍କର ଏପରି ମନ୍ତବ୍ୟ ରାଜନୈତିକ ଅସୂୟା ପ୍ରଣୋଦିତ। ଏହା ଦେଶ ତଥା ରାଜ୍ୟବାସୀଙ୍କ ପ୍ରତି ଅପମାନ। ଏଥିପାଇଁ ନିଶିକାନ୍ତ ନିସର୍ତ୍ତ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ସେ ଦାବି କରିଛନ୍ତି।

**ବିଜୁଙ୍କୁ ଅପମାନ**

# କୁଆଡ଼େ ଗଲେ 'ଲିଗାସୀ' ନେତା

ଭୁବନେଶ୍ୱର,୨୯।୩(ସମିସ): ପ୍ରବାଦ ପୁରୁଷ, ପ୍ରଖର ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ଆପତ୍ତିଜନକ ବୟାନକୁ ନେଇ ସାରା ଓଡ଼ିଶା ପ୍ରତିକ୍ରିୟା ପ୍ରକାଶ କରିଛି। ମନ୍ତବ୍ୟକୁ ତୁରନ୍ତ ପ୍ରତ୍ୟାହାର କରିବା ସହ ସାଂସଦ କ୍ଷମା ମାଗନ୍ତୁ ବୋଲି ବିଭିନ୍ନ ଦଳ ନେତା ଦାବି କରିଛନ୍ତି। ମାତ୍ର କେଇଦିନ ତଳେ ବିଜୁ ଲିଗାସୀର ଆତ୍ମଘୋଷିତ ଦାୟାଦଙ୍କ ନିରବତା ବିଭିନ୍ନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରିଥିବା କେତେକ ବିଜେଡି ବିଧାୟକ ଆକସ୍ମିତ ଭାବରେ ବିଜୁ ଲିଗାସୀକୁ ନେଇ କାହାଣୀ କହି ବୁଲିଲେ। କିଛି ନିଲମ୍ବିତ ଓ ବହିଷ୍କୃତ ନେତା ମଧ୍ୟ ବିଜୁ ଲିଗାସୀକୁ ନେଇ ବଢ଼ିଆ କାହାଣୀ ଶୁଣାଇଲେ। ତେବେ ଦେଶର ଗର୍ବ ବିଜୁ ବାବୁଙ୍କ ଅପମାନ ବେଳେ ସେମାନେ କଣ ପାଇଁ ଚୁପ୍ ବୋଲି ସାଧାରଣରେ ପ୍ରଶ୍ନ ହେଲାଣି। ଘୋଡ଼ା ବେପାର ପରି ରାଜନୀତି ପାପକୁ ଲୁଚାଇବାକୁ ଯାଇ ଏମାନେ କେବଳ ବିଜୁ ଲିଗାସୀକୁ ଢାଲ କରିଥିଲେ କି ବୋଲି ବି ପ୍ରଶ୍ନ ଉଠିଲାଣି।

ସଦ୍ୟ ସମାପ୍ତ ରାଜ୍ୟସଭା ନିର୍ବାଚନରେ ବିଜେଡିର ୮ (ନିଲମ୍ବିତ ୨ ସଦସ୍ୟ) ବିଧାୟକ ଘୋଡ଼ା ବେପାରରେ ସାମିଲ ହୋଇ କ୍ରସ ଭୋଟିଂ କଲେ। ମାତ୍ର ଏମାନଙ୍କ ମଧ୍ୟରୁ ଅନେକ ଗଣମାଧ୍ୟମ ସାମ୍ନାରେ ବିଜୁ ଲିଗାସୀକୁ କ୍ରସ ଭୋଟିଂର କାରଣ ଦର୍ଶାଇଥିଲେ। ବିଜୁ ବାବୁ ଅଣ କଂଗ୍ରେସ ରାଜନୀତିକୁ ଜୋର୍ ଦେଉଥିଲେ। ସେଥିପାଇଁ ସେମାନେ କଂଗ୍ରେସ ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ ଦେଲେ ନାହିଁ ବୋଲି ଯୁକ୍ତି ବାଢ଼ିଲେ। ମାତ୍ର ଏବେ ବିଜୁ ଲିଗାସୀର ତଥାକଥିତ ଏହି ଧ୍ୱଜାବାହକମାନେ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନେଇ ରହସ୍ୟମୟ ଭାବରେ ନିରବ। ବିଜୁ ଲିଗାସୀକୁ ଆଗକୁ ବଢ଼ାଇବାକୁ ଦମ୍ଭ ଭରୁଥିବା ନେତାଏ, ବିଜୁ ବାବୁଙ୍କର ଏତେବଡ଼ ଅପମାନକୁ କିପରି ସହିପାରିବ ବୋଲି ସାଧାରଣ ଲୋକେ ପ୍ରଶ୍ନ କରୁଛନ୍ତି। ବାସ୍ତବିକ ବିଜୁ ଲିଗାସୀ କେବଳ ଏକ ବାହାନା ଥିଲା, ଅସଲରେ ଶାସକ ଦଳ ସହ ମିଶି ବିଜେଡିକୁ ଦୁର୍ବଳ କରିବା ଏମାନଙ୍କର ଭିତିର ଉଦ୍ଦେଶ୍ୟ ବୋଲି ସାମାଜିକ ଗଣମାଧ୍ୟମରେ ସାଧାରଣ ଲୋକେ ଏବେ ମତବ୍ୟକ୍ତ କରୁଛନ୍ତି।

# କଟକରେ ପ୍ରଥମ 'ଇସିଏଚ୍‌ଏସ୍' ପଲ୍ଲୀ କ୍ଲିନିକ୍ ଉଦ୍‌ଘାଟିତ

କଟକ,୨୯।୩(ସମିସ): ରୌପ୍ୟନଗରୀ କଟକରେ ପ୍ରଥମଥର ପାଇଁ 'ଅବସରପ୍ରାପ୍ତ ସୈନିକ ଅଂଶଦାୟୀ ସ୍ୱାସ୍ଥ୍ୟ ଯୋଜନା' (ଇସିଏଚଏସ) ପଲି କ୍ଲିନିକ୍ କାର୍ଯ୍ୟକ୍ଷମ ହୋଇଛି। ବକ୍ସିବଜାରସ୍ଥିତ ଜିଲ୍ଲା



ସୈନିକ ବୋର୍ଡ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ସ୍ଥଳସେନାର ଅଧୀକ୍ଷକ କମାଣ୍ଡିଂ-ଇନ୍-ଚିଫ୍ ଲେଫ୍ଟନାଣ୍ଟ ଜେନେରାଲ ଏଚ୍.ଏସ୍. ବାନ୍ଦ୍ରା ଏହି କ୍ଲିନିକ୍‌କୁ ଉଦ୍‌ଘାଟନ କରିଛନ୍ତି। ଏହି କେନ୍ଦ୍ର ପ୍ରତିଷ୍ଠା ହେବା ଫଳରେ କଟକ ଓ ଏହାର ଆଖପାଖ ଅଞ୍ଚଳର ଅବସରପ୍ରାପ୍ତ ସୈନିକ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇପାରିବ। ଉଦ୍‌ଘାଟନୀ ଅବସରରେ କ୍ୟାପ୍ଟେନ୍ ହିମାଂଶୁ ପୃଷ୍ଟି, କର୍ଣ୍ଣେଲ ବି. କେ. ଦାସ ଓ ମେଜର୍ ଦିଲ୍ଲୀପ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କଳିଙ୍ଗ ଅବସରପ୍ରାପ୍ତ ସୈନିକ ଲିଗ୍ ପକ୍ଷରୁ

**ଉପକୃତ ହେବେ ଅବସରପ୍ରାପ୍ତ ସୈନିକ**

ଭେଟେରାନ୍ ଦିଲ୍ଲୀପ ମହାପାତ୍ର, ସୟଦ୍ ନୁର୍, କିଶୋର ଚନ୍ଦ୍ର ମହାପାତ୍ର, ଯଯାତି କର ଏବଂ ବାୟୁସେନାର ଭେଟେରାନ୍ ହୃଷୀକେଶ ସ୍ୱାଇଁ, ବିମଳ ଜେନା, ଗଦାଧର ଗୁମାନସିଂହ, ରବୀନ୍ଦ୍ର ପଣ୍ଡା ଓ ଅଜୟ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ସେନାବାହିନୀରୁ ଅବସର ନେବା ପରେ ସୈନିକମାନେ ଯେପରି ସ୍ୱାସ୍ଥ୍ୟ ସମସ୍ୟା ପାଇଁ ଅସୁବିଧାର ସମ୍ମୁଖୀନ ନ ହେବେ, ସେଥିପାଇଁ ଏହି କ୍ଲିନିକ୍ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

# ସମ୍ପର୍କୀୟ ଭାଇକୁ ମାରିଦେଲେ ଭାଇଭାଉଜ

ଭୁବନ, ୨୯।୩ (ସମିସ): ଗୁଣିଗାରେଡ଼ି ପାଇଁ ସଂପର୍କୀୟ ଭାଇକୁ ମାରିଦେଲେ ଭାଇ-ଭାଉଜ ଓ ନାବାଳକ ପୁତୁରା। ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ବାରୁଆଁ ପଞ୍ଚାୟତସ୍ଥିତ କୃଷ୍ଣପୁର ଗ୍ରାମରେ ଏଭଳି ଏକ ବୀଭତ୍ସ ହତ୍ୟାକାଣ୍ଡ ଘଟିଛି। ତାଙ୍କ ସ୍ତ୍ରୀ ଓ ପୁଅକୁ ଅଟକ ରଖିଛି।

ତ୍ରିଲୋଚନ ଓ ମଣ୍ଟୁ ପେସାରେ ଡ୍ରାଇଭର୍। ମଣ୍ଟୁ ଅବିବାହିତ ଥିବା ବେଳେ ତ୍ରିଲୋଚନଙ୍କ ଦୁଇ ସ୍ତ୍ରୀ ଓ ଗୋଟିଏ ୧୨ବର୍ଷର ପୁଅ। ଗତକାଲି ଅପରାହ୍ଣରେ ଫୋନ୍ କରି ମଣ୍ଟୁଙ୍କୁ ଘରକୁ ଡାକିଥିଲେ



■ ଗୁଣିଗାରେଡ଼ି ପାଇଁ ହତ୍ୟା ସନ୍ଦେହ
■ ଶବ ପୋଡ଼ିବା ବେଳେ ଧରିଲେ ଗ୍ରାମବାସୀ

ତ୍ରିଲୋଚନ। ତ୍ରିଲୋଚନ ଘରେ ମଣ୍ଟୁ ପହଞ୍ଚିବାର ଦୁଇ ଘଣ୍ଟା ପରେ ମଣ୍ଟୁର ମୃତଦେହକୁ ତ୍ରିଲୋଚନ, ତା'ର ସ୍ତ୍ରୀ ଓ ପୁଅ ଘୋଷାରି ଘୋଷାରି ଘରଠାରୁ ଶହେ ମିଟର ଦୂରରେ ପକାଇଥିଲେ। ପରେ ମଣ୍ଟୁର ମୃତଦେହକୁ ପାଳକୁଟା ପକାଇ ଜାଳିବା ସମୟରେ ଗ୍ରାମବାସୀ ନିଆଁ ଲିଭାଇ ତ୍ରିଲୋଚନକୁ ମାଡ଼ ମାରି ଗଛରେ ବାନ୍ଧି ପୁଲିସକୁ ଖବର ଦେଇଥିଲେ। ସାଇଣ୍ଟିଫିକ୍ ଟିମ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାଣ୍ଡ ସମ୍ପର୍କରେ ତଦନ୍ତ କରିଛି। ତ୍ରିଲୋଚନ ଘର ଅଗଣାରେ ରକ୍ତଛିଟା, ମୟୂର ପକ୍ଷୀ ଓ ଏପ୍ରିଲ ୧ ତାରିଖରେ ସମ୍ପର୍କୀୟ ଅବିବାହିତ ଭଣଜା ମିହିର ମହାନ୍ତକୁ ହତ୍ୟା କରିବ ବୋଲି ଚଟାଣରେ ଲେଖିଥିବା ସାଇଣ୍ଟିଫିକ୍ ଟିମ୍ ଦେଖିଥିବା ଜଣାଯାଇଛି। ପୁଲିସ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛି। ଅଭିଯୁକ୍ତ ତ୍ରିଲୋଚନକୁ ପୁଲିସ ହେପାଜତରେ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତର କରାଯାଇଛି।

ମୃତକ ହେଲେ, ଗ୍ରାମର ମଣ୍ଟୁ ମହାନ୍ତ। ମଣ୍ଟୁକୁ ସେମାନେ ହତ୍ୟା କରିବା ପରେ ଶବକୁ ଘୋଷାରି ଘୋଷାରି ଘରଠାରୁ ଶହେ ମିଟର ଦୂରରେ ଜାଳିବା ବେଳେ ଗ୍ରାମବାସୀ ଧରି ପକାଇଥିଲେ। ପୁଲିସ ମଣ୍ଟୁଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ତ୍ରିଲୋଚନ,

ମଣ୍ଟୁର ବାପା ତରୁଣ ମହାନ୍ତ କହିଛନ୍ତି, ମୁଁ ଘରେ ନଥିଲି। ସେମାନେ ବଂଶ କୁଟୁମ୍ବ ମିଶି ହତ୍ୟା କରି ପାଳରେ ପୋଡ଼ିବାକୁ ଚେଷ୍ଟା କରୁଥିଲେ। କିଛି ଦିନ ପୂର୍ବରୁ କିଛି ଗୁଣିଆ କେନ୍ଦୁଝର ଅଞ୍ଚଳରୁ ଆସିଥିଲେ। ତ୍ରିଲୋଚନର ମା' ହିଁ ଅସଲ ଗୁଣିଆ। ତା'ର ଯୋଜନାକ୍ରମେ ଘରେ ପୂଜା ପାଠ କରାଯାଇ ମଣ୍ଟୁକୁ ଡକାଇ ହତ୍ୟା କରାଯାଇଛି ବୋଲି ପୁଲିସ ଆଗରେ କହିଛନ୍ତି ତରୁଣ।

# ଭାଉଜ ଆଖି ଆଗରେ ଭାଇକୁ ମାରିଦେଲେ ୨ ଦିଅର

ନାରାୟଣପାଟଣା, ୨୯।୩ (ସମିସ): ସଂପତ୍ତିରେ ଭାଗ ନ ଦେବାରୁ ଭାଉଜ ଆଖି ଆଗରେ ଭାଇକୁ ମାରିଦେଲେ ୨ ଦିଅର। କୋରାପୁଟ ଜିଲ୍ଲା ନାରାୟଣପାଟଣା ଥାନା ଅଞ୍ଚଳରେ ଏପରି ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ, କେନ୍ଦୁମୁଣ୍ଡା ଗାଁର ପାଲସୁ ହୁଇକା (୪୦)। ନାରାୟଣପାଟଣା ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଏହି ଘଟଣାରେ ପୁଲିସ ପାଲସୁଙ୍କ ଦୁଇ ଭାଇ କାର୍ଲା ହୁଇକା ଓ ଲିଙ୍ଗୁ ହୁଇକାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।



ସୂଚନାନୁସାରେ, କେନ୍ଦୁମୁଣ୍ଡା ଗାଁ ବିକୁନୁ ହୁଇକାଙ୍କର ଚାରିପୁଅ। ପରିବାରରେ ସମସ୍ତ ଜମିବାଡ଼ି ବଡ଼ ପୁଅ ପାଲୁସୁଙ୍କ ନାମରେ ଥିଲା। ଦୁଇ ସାନ ପୁଅ କାର୍ଲା ହୁଇକା ଓ ଲିଙ୍ଗୁ ହୁଇକା ଅନ୍ୟତ୍ର ରହୁଥିଲେ। ମଝିରେ ମଝିରେ ଜମି ଭାଗବଣ୍ଟାକୁ ନେଇ ଭାଇ-ଭାଇଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଗତ ସପ୍ତାହରେ ଲିଙ୍ଗୁ ଓ କାର୍ଲା ଦୁଇଶହ ଟଙ୍କା ବଡ଼ଭାଇ ପାଲସୁଠାରୁ ଧାର ନେଇଥିଲେ। ୨୭ ତାରିଖ ସନ୍ଧ୍ୟାରେ ପାଲସୁ ଉକ୍ତ ଧାର ଟଙ୍କା ମାଗିବାକୁ କାର୍ଲା ଓ ଲିଙ୍ଗୁ ରହୁଥିବା ଘରକୁ ଯାଇଥିଲେ। ସେଠାରେ ସେମାନଙ୍କ ମଧ୍ୟରେ ସଂପତ୍ତି ଭାଗବଣ୍ଟାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ରାଗିଯାଇ କାର୍ଲା ଓ ଲିଙ୍ଗୁ ଏକ ଗାମୁଛାରେ ପାଲସୁକୁ ବାନ୍ଧି ଘର ଆଗ କୋଠାରେ ନିସ୍ତୁକ ମାଡ଼ ମାରିଥିଲେ। କାର୍ଲା ଧରିଥିବା ଟାଙ୍ଗିଆରେ ପାଲସୁରଙ୍କୁ ଆକ୍ରମଣ କରିଥିଲା। ଏହା ଦେଖି ପାଲସୁଙ୍କ ସ୍ତ୍ରୀ ତୁଳସୀ ଦୁଇ ଦିଅରଙ୍କ ଗୋଡ଼ହାତ ଧରି କାକୁତି ମିନତି ହୋଇଥିଲେ ହେଁ ସେମାନେ କିଛି ଶୁଣିନଥିଲେ। ରକ୍ତମୁଖା ଦୁଇ ସାନଭାଇ ବଡ଼କୁ ହତ୍ୟା କରି ସେଠାରେ ପକାଇ ଚାଲି ଯାଇଥିଲେ। ଏ ସଂପର୍କରେ ତୁଳସୀ ୨୮ ତାରିଖ ଦିନ ନାରାୟଣପାଟଣା ଥାନାରେ ଅଭିଯୋଗ କରିଥିଲେ।

# ଟ୍ରକ୍‌କୁ ପଛରୁ ଧକ୍କା ଦେଲା ହାଇୱା; ୨ ମୃତ

ଖଜୁରିଆକଟା, ୨୯।୩ (ସମିସ): ୫୫ନଂ ଜାତୀୟ ରାଜପଥ ଓଡ଼ାପଡ଼ା କଲେଜ ଛକ ନିକଟରେ ଆଜି ଏକ ଦୁର୍ଘଟଣାରେ ୨ଜଣଙ୍କ ଜୀବନ ଯାଇଛି। ଆଜି ଭୋର୍ ପ୍ରାୟ ୫ଟାରେ ଏକ ଟ୍ରକ୍‌କୁ ପଛରୁ ଏକ ହାଇୱା ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ପେରୁ ଦାସ (୫୩) ଓ ଅନୀଲ ସିଂହଦେଓ (୩୬)। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରକ୍‌ର କେବିନ ଭାଙ୍ଗିରୁଜି ଚୂରମାର ହୋଇଯାଇଥିଲା। ସୂଚନାନୁଯାୟୀ, ଆଜି ଭୋର୍‌ରେ ଢେଙ୍କାନାଳ ଆଡ଼ୁ ଅନୁଗୋଳ ଅଭିମୁଖେ ଯାଉଥିବା ଏକ ହାଇୱା ଓଡ଼ାପଡ଼ା କଲେଜ ଛକ ନିକଟରେ ଠିଆ ହୋଇଥିବା ଏକ ୧୬ଚକିଆ ଟ୍ରକ୍‌କୁ ପଛରୁ ଧକ୍କା ଦେଇଥିଲା। ଖବର ପାଇ ହିନ୍ଦୋଳ ରୋଡଥ ଫାଣ୍ଡି ପୁଲିସ ଆହତ ଡ୍ରାଇଭର୍ ଓ ହେଲପରଙ୍କୁ ଉଦ୍ଧାର କରି ଢେଙ୍କାନାଳ ଡାକ୍ତରଖାନାକୁ ପଠାଇଥିଲେ। ଡାକ୍ତର ସେଠାରେ ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ତାଳସାରୀ ବେଳାଭୂମିରେ ବଙ୍ଗୀୟ ଅଭିନେତାଙ୍କ ମୃତ୍ୟୁ

ବାଲେଶ୍ୱର(ଉତ୍ତର)/ଚନ୍ଦନେଶ୍ୱର, ୨୯।୩ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ତାଳସାରି ବେଳାଭୂମିରେ ଏକ ବଡ଼ ଅଘଟଣ ଘଟିଛି। ସୁଟିଂ ବେଳେ ଦୁର୍ଘଟଣାରେ ବଙ୍ଗୀୟ ଅଭିନେତା ରାହୁଲ ଅରୁଣୋଦୟ ବାନାର୍ଜୀଙ୍କ ମୃତ୍ୟୁ ହୋଇଛି। ଏହି ଖବର ପ୍ରଚାରିତ ହେବା ପରେ ବଙ୍ଗଳା ଚଳଚ୍ଚିତ୍ର ଜଗତରେ ଶୋକର ଛାୟା ଖେଳିଯାଇଛି।



ରାହୁଲ ଏହି ବେଳାଭୂମିରେ 'ଭୋଲେ ବାବା ପାର କରେଗା' ଧାରାବାହିକର ସୁଟିଂ ପାଇଁ ଆସିଥିଲେ। ସୁଟିଂ ସମୟରେ ତାଙ୍କର ଗୋଡ଼ ଖସିଯିବାରୁ ସେ ସମୁଦ୍ରର ଅତଳତଳ ଜଳରାଶିରେ ବୁଡ଼ି ଯାଇଥିଲେ। ସଙ୍ଗେସଙ୍ଗେ ରାହୁଲଙ୍କୁ ଉଦ୍ଧାର କରି ଦୀଘା ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ, ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ବିଏଡ୍ ପାଇଁ ବଢୁଛି ଛାତ୍ରଛାତ୍ରୀଙ୍କ ଆଗ୍ରହ

ଭୁବନେଶ୍ୱର,୨୯।୩(ସମିସ): ବିଏଡ୍ ପଢ଼ିବା ପାଇଁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଭୂତପୂର୍ବ ଉତ୍ସାହ ଦେଖାଦେଉଛି। ମୋଟ୍ ସିଟ୍ ତୁଳନାରେ ପ୍ରତିବର୍ଷ ପ୍ରାୟ ୩୦ରୁ ୫୦ଗୁଣ ଛାତ୍ରଛାତ୍ରୀ ଆବେଦନ କରୁଛନ୍ତି। ପ୍ରତିବର୍ଷ ପରୀକ୍ଷାର୍ଥୀଙ୍କ ସଂଖ୍ୟା ମଧ୍ୟ ବଢୁଛି। ଚଳିତବର୍ଷ ଆବେଦନ ଆରମ୍ଭ ହୋଇଥିବା ବେଳେ ସପ୍ତାହେ ମଧ୍ୟରେ ପ୍ରାୟ ୧୦ଗୁଣା ପିଲା ଆବେଦନ କରିସାରିଲେଣି। ରାଜ୍ୟରେ ବହୁସଂଖ୍ୟକ ପିଲା ବିଇଡି ପଢ଼ିବାକୁ ଆଗ୍ରହୀ ଥିବା ବେଳେ ସିଟ୍ ବଢ଼ାଇବାକୁ ଦାବି ହୋଇଛି।

ରାଜ୍ୟରେ ବିଏଡ୍ ନାମଲେଖା ପାଇଁ ସମୁଦାୟ ୩୧ଟି ଶିକ୍ଷାନୁଷ୍ଠାନରେ ୨୮୦୦ ସିଟ୍ ଉପଲବ୍ଧ ରହିଛି। ଗତବର୍ଷ ଅର୍ଥାତ୍ ୨୦୨୫-୨୬ ଶିକ୍ଷାବର୍ଷରେ ୧ଲକ୍ଷ ୨୯ହଜାର ୭୧୨ଜଣ ପ୍ରବେଶିକା ପରୀକ୍ଷା ଦେବାକୁ ଆବେଦନ କରିଥିଲେ। ସମୁଦାୟ ସିଟ୍‌ର ଏହା ପ୍ରାୟ ୪୭ଗୁଣାରୁ ଅଧିକ। କେବଳ ବିଇଡି ପାଇଁ ୧ଲକ୍ଷ ୨୬ହଜାର ୧୨୫ ଜଣ ଆବେଦନ କରିଥିବା ବେଳେ ବିଏଚ୍‌ଇଡି ପାଇଁ ୧୯୩୬ ଓ ଏମ୍‌ଇଡି ପାଇଁ ୧୬୫୧ଜଣ ଆବେଦନ କରିଥିଲେ। ସେହିପରି, ୨୦୨୪-୨୫ ଶିକ୍ଷାବର୍ଷରେ ମୋଟ୍ ୯୫ହଜାର ୧୧୨ ପିଲା ଆବେଦନ କରିଥିଲେ; ଯାହା ସମୁଦାୟ ସିଟ୍‌ର ପ୍ରାୟ ୩୪ଗୁଣ। କ୍ରମାଗତ ଭାବେ ରାଜ୍ୟରେ ବିଇଡି ପଢ଼ିବାକୁ ଛାତ୍ରଛାତ୍ରୀଙ୍କ ଆଗ୍ରହ ବଢୁଥିବା ବେଳେ ସିଟ୍ ସଂଖ୍ୟାରେ କୌଣସି ପରିବର୍ତ୍ତନ ହୋଇନି। ଫଳରେ ବହୁ ଛାତ୍ରଛାତ୍ରୀ ଆନ୍ଧ୍ର ଉପରେ ନିର୍ଭରଶୀଳ

**ସିଟ୍ ବଢ଼ାଇବାକୁ ଦାବି**

ହେଉଛନ୍ତି। ଶିକ୍ଷାବିତ୍‌ଙ୍କ କହିବା କଥା, ବିଇଡି ପାଠ୍ୟକ୍ରମ ସାରିବା ପରେ ଶିକ୍ଷକ ନିଯୁକ୍ତି ପାଇଁ ସୁଯୋଗ ସୃଷ୍ଟି ହେଉଛି। ରାଜ୍ୟରେ ବହୁ ଶିକ୍ଷକ ପଦ ଖାଲି ପଡ଼ିଥିବାରୁ ନିଯୁକ୍ତି ସୁଯୋଗ ମଧ୍ୟ ଅଧିକ ରହିଛି। ଏଣୁ ସ୍ୱାଭାବିକ ଭାବେ ଅଧିକ ପିଲା ଆଗ୍ରହୀ ହେଉଛନ୍ତି। ପ୍ରତିବର୍ଷ ଆନ୍ଧ୍ରରେ ଲକ୍ଷାଧିକ ଓଡ଼ିଆ ଛାତ୍ରଛାତ୍ରୀ ବିଇଡି ପଢୁଥିବା ବେଳେ ରାଜ୍ୟରେ ମଧ୍ୟ ସିଟ୍ ବଢ଼ାଇବା ପାଇଁ ସରକାର ପଦକ୍ଷେପ ନେବାକୁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି।

# ୧୨୩ କେଜି ସମ୍ବର ମାଂସ ଜବତ; ୪ ଶିକାରୀ ଗିରଫ

ଠାକୁରମୁଣ୍ଡା/ମହୁଲଡିହା,୨୯।୩(ସମିସ): ଶିମିଳିପାଳ ଅଭୟାରଣ୍ୟର ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳରୁ ବନବିଭାଗ ୧୨୩ କେଜି ସମ୍ବର ମାଂସ ଜବତ କରିବା ସହ ଏହି ବେଆଇନ କାରବାରରେ ସଂପୃକ୍ତ ୪ ଶିକାରୀଙ୍କୁ ଗିରଫ କରିଛି। ସେମାନେ ହେଲେ, ଠାକୁରମୁଣ୍ଡା ବ୍ଲକ୍ ହାତୀଗୋଡ଼ା ପଞ୍ଚାୟତ ଅଧୀନ ଅସନକୁଦ ମାହାଲିସାହିର ବିକ୍ରମ ମାହାଲି, ଅର୍ଜୁନ ମାହାଲି, ସୁନୀଲ ମାହାଲି ଓ ରାଣୀଭୋଳ ଗ୍ରାମର ଦେରେଗା ଡାଙ୍ଗିଲ। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ସୂଚନା ମୁତାବକ, ଗତ ୨୬ତାରିଖ ସଂଧ୍ୟାରେ ଶିମିଳିପାଳ ସଂଲଗ୍ନ କମ୍ପାର୍ଟମେଣ୍ଟ ନମ୍ବର ୮ ରୁ ୨ଜଣ ଶିକାରୀ ଜଙ୍ଗଲ ଭିତରୁ ଫେରୁଥିବା ବେଳେ ବନ କର୍ମଚାରୀଙ୍କ ହାବୁଡ଼ରେ ପଡ଼ିଥିଲେ। ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ କିଛି ସମ୍ବର ମାଂସ ମିଳିଥିଲା। ତେବେ ଘଟଣାସ୍ଥଳରୁ କୌଶଳକ୍ରମେ ଜଣେ ଶିକାରୀ ଖସି ଯାଇଥିଲା। ଅନ୍ୟ ଶିକାରୀକୁ ପଚରାଉଚରା କରି ପରେ ବନ ବିଭାଗ ଅନ୍ୟ ୩ଶିକାରୀଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ମୋଟ ୧୨୩କେଜି କଟା ସମ୍ବର ମାଂସ ସହ ଦୁଇଟି ରକ୍ତଭିଜା କୁରାଢ଼ୀ ଜବତ ହୋଇଛି। ଏ ସଂକ୍ରାନ୍ତରେ ଠାକୁରମୁଣ୍ଡା ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ମାମଲା ରୁଜୁ ହୋଇଛି।

## ଶିମିଳିପାଳରୁ ପୁଣି ଶିକାରୀ ଗିରଫ

ବାରିପଦା,୨୯।୩(ସମିସ): ଶିମିଳିପାଳ ଅଭୟାରଣ୍ୟରେ ଖଞ୍ଜାଯାଇଥିବା କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରାରେ ଉତ୍ତୋଳିତ ଫଟୋଚିତ୍ରକୁ ଆଧାର କରି ବନବିଭାଗ ଜଣେ ଶିକାରୀକୁ ଗିରଫ କରିଛି। ଗିରଫ ଅଭିଯୁକ୍ତଜଣଙ୍କ କପ୍ତିପଦା ଥାନା ଅନ୍ତର୍ଗତ ଜେଏସ ଜାମଡିହା ଗ୍ରାମର ଦଶରଥ ସିଂ (୫୦)। ତା' ନିକଟରୁ ଗୋଟିଏ ହାତତିଆରି ଦେଶୀ ବନ୍ଧୁକ, ୧୫୫ ଗ୍ରାମ କଳା ବିସ୍ଫୋରକ, ୨୫ ଗ୍ରାମ୍ ଧଳା ବିସ୍ଫୋରକ, ସାଇକଲ୍ ବଲ୍, ପିନ୍ ଓ ଦିଆସିଲ ଭଳି ଶିକାର ପାଇଁ ବ୍ୟବହୃତ ଅନେକ ସାମଗ୍ରୀ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ବାରିପଦାସ୍ଥିତ ସିଜେଏମ କୋର୍ଟରେ ହାଜର କରାଯାଇଛି।



ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତି ପ୍ରାୟ ୧ଟା ୩୫ରେ ଜଙ୍ଗଲ ମଧ୍ୟରେ ଲାଗିଥିବା ଏଆଇ କ୍ୟାମେରାରୁ ଏକ ଫଟୋ ଆଲର୍ଟ ବନ ବିଭାଗକୁ ମିଳିଥିଲା। ସୂଚନା ପାଇବା ମାତ୍ରେ ପୋଡାଡିହା ରେଞ୍ଜର ଏକ ସ୍ୱତନ୍ତ୍ର ଟିମ୍ ଜଙ୍ଗଲ ମଧ୍ୟରେ ଅତର୍କିତ ଚଢ଼ଉ

**ବନ୍ଧୁକ ଓ ବିସ୍ଫୋରକ ଜବତ**

କରିଥିଲେ। ବନ କର୍ମଚାରୀ ଜଙ୍ଗଲରେ ଛପି ରହିଥିବା ବେଳେ ଜଣେ ବ୍ୟକ୍ତି ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ମାତ୍ର ଚତୁରତାର ସହ ବନ ବିଭାଗ ଟିମ୍ ତାଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ଏହି ଶିକାରୀ ଦଳରେ ଅନ୍ୟ କେଉଁମାନେ ସାମିଲ ଅଛନ୍ତି, ସେନେଇ ବନ ବିଭାଗ ଅଧିକ ତଦନ୍ତ ଜାରି ରଖିଥିବା ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନ୍‌ର ଉପ-ନିର୍ଦ୍ଦେଶକ ଡ. ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

## ୩ ଜଣଙ୍କୁ ବିଦାରି ପକାଇଲା ଭାଲୁ

ବାରିପଦା/କପ୍ତିପଦା, ୨୯।୩ (ସମିସ): କପ୍ତିପଦା ବନାଞ୍ଚଳ ତାଳଗଡ଼ି ଗ୍ରାମରେ ଭାଲୁ ଆକ୍ରମଣରେ ୩ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ବୃନ୍ଦା ରାନୀ ନାଏକ, ସୁମତ ଖଣ୍ଡେଇ ଓ କମଳାକାନ୍ତ ନାଏକ। ଏମାନେ ଆଜି ସକାଳୁ ଶୌଚ ନିମନ୍ତେ ଯାଇଥିବା ବେଳେ ଗୋଟିଏ ଭାଲୁ ସେମାନଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ଭାଲୁଟି ରାନୀଙ୍କ ମୁହଁକୁ ବିଦାରି ପକାଇଥିବା ବେଳେ ସୁମତଙ୍କ ଗୋଡ଼ରେ ଗଭୀର କ୍ଷତ ହୋଇଛି। ସୂଚନାନୁଯାୟୀ, ମହୁଲ ଫୁଲ ବାସ୍ନାରେ ଏକ ବିରାଟକାୟ ଭାଲୁ ରବିବାର ସକାଳେ ତାଳଗଡ଼ି ଗ୍ରାମକୁ ପଶି ଆସିଥିଲା। ଏହି ସମୟରେ ଶୌଚ ନିମନ୍ତେ ଯାଇଥିବା ରାନୀ ଏବଂ ସୁମତଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ସେହିପରି, କମଳାକାନ୍ତଙ୍କୁ ମଧ୍ୟ ନଦୀ ନିକଟରେ ଆକ୍ରମଣ କରି ଗୁରୁତର ଆହତ କରିଥିଲା। ଏମାନଙ୍କ ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଭାଲୁଟିକୁ ନିକଟସ୍ଥ ଜଙ୍ଗଲକୁ ଘଉଡ଼ାଇ ଦେଇଥିଲେ। ଗ୍ରାମବାସୀମାନେ ଆହତମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ।

# ବିଜେପି ରାମଙ୍କ ମର୍ଯ୍ୟାଦା ହାନି କରୁଛି: କଂଗ୍ରେସ

ଭୁବନେଶ୍ୱର, ୨୯।୩(ସମିସ): ଓଡ଼ିଶାର କ୍ଷମତାସୀନ ବିଜେପିର ବିଧାୟକ, ସାଂସଦ କ୍ଷମତା ନିଶାରେ ଅନ୍ଧ ହୋଇ ଖୋଲାଖୋଲି ମାରଣାସ୍ତ୍ର ଧରି ଆଇନ ଭଙ୍ଗ କରୁଛନ୍ତି। ହେଲେ ତାଙ୍କ ପାଖରେ ପୁଲିସ ପହଞ୍ଚିପାରୁ ନାହିଁ କି ଗିରଫ ମଧ୍ୟ କରୁନାହିଁ। ଏହାକୁ ନେଇ ବର୍ଷିଛି କଂଗ୍ରେସ।

କଂଗ୍ରେସ ଭବନଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ଓ ପିସିସି ଉପସଭାପତି ଦେବାଶିଷ ପଟ୍ଟନାୟକ ଓ ମୁଖପାତ୍ର ଜୟଶ୍ରୀ ପାତ୍ର ଯୋଗଦେଇ ବିଜେପି ବିଧାୟକ ଓ ସାଂସଦଙ୍କ କାର୍ଯ୍ୟକଳାପକୁ କଡ଼ା ଭର୍ତ୍ସନା କରି କହିଛନ୍ତି ଯେ ନାଥୁରମ ଗଡସେଙ୍କ ଦଳ ଓଡ଼ିଶା ପରି ଶାନ୍ତିପ୍ରିୟ ରାଜ୍ୟରେ ହିଂସା ବଢ଼ାଉଛି। ଟିଟିଲାଗଡ଼ ବିଜେପିର ଲୋକପ୍ରତିନିଧି ରାମନବମୀ ପରି ପବିତ୍ର ଦିନରେ ସର୍ବସାଧାରଣରେ ସୁରକ୍ଷାକର୍ମୀଙ୍କ ବନ୍ଧୁକ ନେଇ ଫାଙ୍କା ଗୁଳିଚାଳନା ପରି





ଅପରାଧିକ କାର୍ଯ୍ୟ କରିଛନ୍ତି। ହେଲେ ସରକାର ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି। ଏହାକୁ ଅତି ନିନ୍ଦନୀୟ ବୋଲି କଂଗ୍ରେସ କହିଛି। ଏହା କ'ଣ ମର୍ଯ୍ୟାଦା ପୁରୁଷ ଶ୍ରୀରାମଙ୍କ ମର୍ଯ୍ୟାଦାହାନି ନୁହେଁ କି ବୋଲି ପ୍ରଶ୍ନ କିରଛନ୍ତି। ଜଗନ୍ନାଥଙ୍କ ମାଟିରେ ପୁରୀ ସାଂସଦ ଖଣ୍ଡା ବୁଲାଇ ଶକ୍ତି ପ୍ରଦର୍ଶନ କରିବା ମଧ୍ୟ ଖୋଲାଖୋଲି ଭାବେ ଆଇନର ଉଲ୍ଲଂଘନ। ଟିଟିଲାଗଡ଼ରେ ତଦନ୍ତ ନାଁରେ କେବଳ ସୁରକ୍ଷାକର୍ମୀଙ୍କୁ ନିଲମ୍ବନ କରିଦେଇ ବିଧାୟକଙ୍କୁ ସୁରକ୍ଷା ଦେଲେ ଚଳିବ ନାହିଁ। ଆଇନ ସମସ୍ତଙ୍କ ପାଇଁ ସମାନ। ତେଣୁ ବିଧାୟକଙ୍କୁ ତୁରନ୍ତ ଗିରଫ କରାଯାଉ ନଚେତ କଂଗ୍ରେସ ଆନ୍ଦୋଳାତ୍ମକ ପଦକ୍ଷେପ ଗ୍ରହଣ କରିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

